# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 22 December - 2024

### News Editor : Itishree Singh Rathaur

****************************************

## ମୁଖ୍ୟ ସମ୍ବାଦ

- ଆଭାସୀ ମାଧ୍ୟମରେ ଆସନ୍ତାକାଲି ୭୧ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କ ନିଯୁକ୍ତି ପତ୍ର ବଣ୍ଟନ କରିବେ ପ୍ରଧାନମନ୍ତ୍ରୀ ।
- ଜନସଚେତନତା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଭୂମିକା ଅଧିକ ପ୍ରଭାବଶାଳୀ - କହିଲେ ହାଇକୋର୍ଟର ମୁଖ୍ୟ ବିଚାରପତି

\- ୨୦୨୫ ମସିହାର ନ୍ୟାୟିକ କ୍ୟାଲେଣ୍ଡରକୁ କଲେ ଉନ୍ମୋଚନ ।

- ରାଜ୍ୟ ସରକାର ଖୁବ୍‌ଶୀଘ୍ର ସାମ୍ବାଦିକ ସୁରକ୍ଷା ଅଧିନିୟମ ଆଣିବେ ବୋଲି ସୂଚନା ଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏବଂ

- ପାଣିପାଗର ଆଗୁଆ ସତର୍କ ସୂଚନା ପାଇଁ ସମ୍ବଲପୁରରେ ଡପଲର ରାଡାରର ଉଦ୍‌ଘାଟନ କଲେ ରାଜସ୍ୱ ମନ୍ତ୍ରୀ ।

## ନିଯୁକ୍ତି ପତ୍ର ବଣ୍ଟନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ୭୧ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ଆଭାସୀ ମାଧ୍ୟମରେ ନିଯୁକ୍ତି ପତ୍ର ବଣ୍ଟନ କରିବେ । ଏହାସହ ପ୍ରଧାନମନ୍ତ୍ରୀ ନବନିଯୁକ୍ତଙ୍କୁ ସମ୍ବୋଧନ କରିବେ ବୋଲି ଜଣାପଡିଛି । ଏହି ଅବସରରେ ଦେଶର ୪୫ଟି ସ୍ଥାନରେ ରୋଜଗାର ମେଳା ଅନୁଷ୍ଠିତ ହେବ । ନବନିଯୁକ୍ତମାନେ କେନ୍ଦ୍ର ଗୃହ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଆଦି ବିଭାଗରେ ନିଯୁକ୍ତି ପାଇବେ ।

## ନ୍ୟାୟିକ କ୍ୟାଲେଣ୍ଡର ଉନ୍ମୋଚିତ

ଜନ ସଚେତନତା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ଅଧିକ ପ୍ରଭାବଶାଳୀ ବୋଲି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ କହିଛନ୍ତି । କଟକ ମର୍କତନଗରସ୍ଥିତ ଓଡ଼ିଶା ଜୁଡିସିଆରଲ ଏକାଡେମୀରେ ୨୦୨୫ର ନ୍ୟାୟିକ କ୍ୟାଲେଣ୍ଡର ଉନ୍ମୋଚନ ଅବସରରେ ଆଜି ମୁଖ୍ୟ ବିଚାରପତି କହିଛନ୍ତି ଘରୁ ହିଁ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି । ପିଲାମାନେ ସଚେତନ ହେଲେ ପରିବାର ମଧ୍ଯ ସଚେତନ ହୋଇପାରିବ । ନ୍ୟାୟିକ କ୍ୟାଲେଣ୍ଡରରେ ସ୍ଥାନ ପାଇଥିବା ୧୨ଜଣ ଶ୍ରେଷ୍ଠ ଚିତ୍ରାଙ୍କନ କରିଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା । ଏହି

କାର୍ଯ୍ୟକ୍ରମରେ ହାଇକୋର୍ଟର ଅନ୍ୟ ବିଚାରପତି, ଅବସରପ୍ରାପ୍ତ ବିଚାରପତି ଏବଂ ହାଇକୋର୍ଟ ବାର୍ ଆସୋସିଏସନର କର୍ମକର୍ତ୍ତା ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳର ଅନ୍ୟ ବରିଷ୍ଠ ସଦସ୍ୟଙ୍କୁ ସାକ୍ଷାତ କରି ଭୁବନେଶ୍ୱରରେ ଆସନ୍ତା ମାସରେ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ଏବଂ ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ଯୋଗଦେବା ପାଇଁ ନିମନ୍ତ୍ରଣ ଜଣାଇବେ ବୋଲି ସୂଚନା ମିଳିଛି । ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ଓଡ଼ିଶା ଫେରିବାର କାର୍ଯ୍ୟସୂଚୀ ରହିଛି । ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ୫ ଦିନିଆ ଦିଲ୍ଲୀ ଓ ରାଜସ୍ଥାନ ଗସ୍ତରେ ଯାଇଛନ୍ତି । ମୁଖ୍ୟମନ୍ତ୍ରୀ ରାଜସ୍ଥାନରେ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ ଏବଂ ୫୫ତମ ଜିଏସ୍‌ଟି ପରିଷଦ ବୈଠକରେ ଯୋଗ ଦେଇଥିଲେ ।

## ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ । ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ପରବର୍ତ୍ତୀ ଜନ ଅଭିଯୋଗ ଶୁଣାଣି ନେଇ ତାରିଖ ସ୍ଥିର ହେଲେ ଅବଗତ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ଧର୍ମେନ୍ଦ୍ର ପ୍ରଧାନ

ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଭୁବନେଶ୍ୱରରେ ଆୟୋଜିତ ଓଡ଼ିଶା ସାମ୍ବାଦିକ ୟୁନିୟନର ୫୩ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ସାମ୍ବାଦିକଙ୍କ ସୁରକ୍ଷା, ସମ୍ମାନ ଓ ସୁବିଧା ପାଇଁ ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଅଧିନିୟମ ଆଣିବାକୁ ଯାଉଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ତ୍ତ, ଆଇନ୍, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ବାବୁ ସିଂହ, ଓଡ଼ିଶା ସାମ୍ବାଦିକ ୟୁନିୟନର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ସହ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ ।

## ଜଙ୍ଗଲ ବୃଦ୍ଧି

ଦେଶରେ ୨୦୨୧ରୁ ୨୦୨୩ ମସିହା ମଧ୍ୟରେ ୧ହଜାର ୪୪୫ବର୍ଗ କିଲୋମିଟର ଅଞ୍ଚଳରେ ଜଙ୍ଗଲ ବୃଦ୍ଧି ପାଇଛି । ସେଥିମଧ୍ୟରୁ ଓଡ଼ିଶାର ୫ଶହ ଅଣଷଠି ବର୍ଗ କିଲୋମିଟର ବିସ୍ତୃତ ଅଞ୍ଚଳରେ ଜଙ୍ଗଲ ବୃଦ୍ଧି ପାଇଛି ବୋଲି ଜଙ୍ଗଲ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି । ରିପୋର୍ଟ ଅନୁସାରେ ଛତିଶଗଡ ଓ ଉତ୍ତରପ୍ରଦେଶ ପରେ ଓଡ଼ିଶାରେ ସର୍ବାଧିକ ବର୍ଗ କିଲୋମିଟର ଜଙ୍ଗଲ ବୃଦ୍ଧି ପାଇଛି ।

## ଡପଲର ରାଡାର

ସମ୍ବଲପୁରରେ ସି.ବ୍ୟାଣ୍ଡ ଡପଲର ପାଣିପାଗ ରାଡାରର ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ଘାଟନ କରିଛନ୍ତି । ସୂଚନା ଅନୁସାରେ ପୂର୍ବରୁ ପାରାଦ୍ୱୀପ ଓ ଗୋପାଳପୁରରେ ଡପଲର ରାଡାର ସ୍ଥାପନ କରାଯାଇଛି । ଏହି ରାଡାର ପାଣିପାଗର ଆଗୁଆ ସତର୍କ ସୂଚନା ଦେବା ସହ ହୀରାକୁଦ ଡ୍ୟାମର ଜଳ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଡପଲର ରାଡାର ସ୍ଥାପନ ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏକ କୋଠା ନିର୍ମାଣ କରାଯାଉଛି ।

## ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ

ନୂଆବର୍ଷରୁ ପୁରୀ ଶ୍ରୀମନ୍ଦିରରେ ଧାଡି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ । ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଏନେଇ ସମୀକ୍ଷା କରିବା ପରେ କହିଛନ୍ତି ଆସନ୍ତା ୨୭ ଓ ୨୮ ତାରିଖ ସୁଦ୍ଧା ପରିବର୍ତ୍ତିତ ପ୍ରକ୍ରିୟା କ୍ରିୟାନ୍ୱୟନ କରାଯିବ । ୩୦ ତାରିଖ ଓ ୩୧ ତାରିଖରେ ପରୀକ୍ଷାମୂଳକ ଭାବେ ଧାଡ଼ି ଦର୍ଶନ ଆରମ୍ଭ କରାଯିବ ଏବଂ ୧ ତାରିଖରୁ ଭକ୍ତମାନେ ନିୟମିତ ଧାଡ଼ି ଦର୍ଶନ କରିପାରିବେ । ଭକ୍ତମାନେ ସାତପାହାଚ ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବେ । ଶ୍ରୀଜୀଉଙ୍କୁ ଦର୍ଶନ କରି ଘଣ୍ଟିଦ୍ୱାର ଓ ଗାରଦ ଦ୍ୱାର ଦେଇ ବାହାରକୁ ବାହାରିବାର ବ୍ୟବସ୍ଥା କରାଯାଇଛି । ମହିଳା, ଛୋଟପିଲା ଓ ବୟସ୍କ ବ୍ୟକ୍ତିଙ୍କ ପାଇଁ

ଦର୍ଶନ ସୁଗମ କରିବାଲାଗି ଭିନ୍ନ ବ୍ୟବସ୍ଥା କରାଯାଇଛି । ଘଣ୍ଟି ଦ୍ୱାରରେ ମହିଳା ଓ ବରିଷ୍ଠ ନାଗରିକମାନେ ପ୍ରସ୍ଥାନ କରିବେ ଏବଂ ଗାରଦ ଦ୍ୱାରରେ ପୁରୁଷମାନେ ପ୍ରସ୍ଥାନ କରିପାରିବେ ବୋଲି ଆଇନ୍‌ମନ୍ତ୍ରୀ କହିଛନ୍ତି ।

## ସମୀକ୍ଷା

ରାଜ୍ୟ ଖଣି ନିର୍ଦ୍ଦେଶକ ଜି. ରାଜେଶ ସୁନ୍ଦରଗଡର କୋଇଡା ଓ କେନ୍ଦୁଝର ଜିଲ୍ଲାର ଯୋଡ଼ା ଖଣି ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଯୋଡ଼ା ଖଣି ମଣ୍ଡଳରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଉପ ନିର୍ଦ୍ଦେଶାଳୟ କୋଠାଗାରକୁ ସର୍ବେକ୍ଷଣ କରିବା ସହ ଖଣିଜର ମାନ ନିର୍ଦ୍ଧାରଣ ପରୀକ୍ଷାଗାରକୁ ମଧ୍ୟ ସେ ନୀରିକ୍ଷଣ କରିଛନ୍ତି । ପରୀକ୍ଷାଗାରରେ ନମୂନା ସଂଗ୍ରହ, ନମୂନାର ମାନ ନିର୍ଦ୍ଧାରଣ ସମ୍ପର୍କରେ ଉପସ୍ଥିତ କର୍ମଚାରୀଙ୍କ ଠାରୁ ପଚାରି ବୁଝିଥିଲେ ।

## ବିଜୟ ମହାନ୍ତିଙ୍କ ପରଲୋକ

ପୂର୍ବତନ ବିଧାୟକ ବିଜୟ ମହାନ୍ତିଙ୍କ ୬୦ବର୍ଷ ବୟସରେ ପରଲୋକ ହୋଇଛି । କିଛିଦିନ ହେବ ସେ ହୃଦ୍‌ରୋଗରେ ପୀଡିତ ଥିଲେ । ସୂଚନାଯୋଗ୍ୟ ୧୯୬୪ ମସିହା ଅକ୍ଟୋବର ୩ ତାରିଖରେ ଜନ୍ମଗ୍ରହଣ କରିଥିବା ବିଜୟ ମହାନ୍ତି ୨୦୦୯ ଏବଂ ୨୦୧୪ ମସିହାରେ ୨ଥର ଭୁବନେଶ୍ୱର ମଧ୍ୟ ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ।

# ଯକ୍ଷ୍ମାରୋଗ

ଦେଶରୁ ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମା ରୋଗର ମୂଳୋତ୍ପାଟନ  ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଏହାକୁ ସଫଳ କରିବା ପାଇଁ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ **ମାଲକାନଗିରି** ଜିଲ୍ଲାରେ ଆରମ୍ଭ ହୋଇଛି।

ଜିଲ୍ଲାରେ ଗତ ନଭେମ୍ବର ମାସ ସୁଦ୍ଧା ଏକହଜାର ୭୦ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିବାବେଳେ ସେଥିମଧ୍ୟରୁ ୫୪୭ଜଣ ସୁସ୍ଥ ହୋଇଛନ୍ତି । ବର୍ତ୍ତମାନ ସୁଦ୍ଧା ୫୨୩ଜଣ ରୋଗୀଙ୍କ ଚିକିତ୍ସା ଜାରି ରହିଛି । ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀ ଘରକୁଘରଯାଇ ଲକ୍ଷଣ ଦେଖାଗଲେ ନମୂନା ପରୀକ୍ଷା ପାଇଁ ସଂଗ୍ରହ କରୁଛନ୍ତି । ଏ ସମ୍ପର୍କରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ **ଡକ୍ଟର ସି.ଏଚ୍.ଏନ୍ ଜଗନ୍ନାଥ ରାଓ** ଆକାଶବାଣୀକୁ କହିଛନ୍ତି....

# - V/O –

# ଯକ୍ଷ୍ମା ରୋଗ ନିରାକରଣ

ଦେବଗଡ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୦୦ ଦିନିଆ ଯକ୍ଷ୍ମା ରୋଗ ନିରାକରଣ ଅଭିଯାନ ଚଳିତମାସ ୭ ତାରିଖରୁ ଆରମ୍ଭ ହୋଇଛି । ଯକ୍ଷ୍ମା ରୋଗ ନିରାକରଣ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ଏକ ସଚେତନତା ରଥ ଜିଲ୍ଲାର ବିଭିନ୍ନ ସ୍ଥାନ ପରିକ୍ରମା କରି ସଚେତନତା ବାର୍ତ୍ତା

ପ୍ରଦାନ କରୁଛି । ଏଥିଲାଗି ଜିଲ୍ଲାରେ ଥିବା ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ ପାଇଁ ଆଶା ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟୋଜିତ କରାଯାଇଛି । ଜିଲ୍ଲାରେ ୪ହଜାର ୮୩୪ଜଣ ସନ୍ଦିଗ୍ଧ ଯକ୍ଷ୍ମା ରୋଗୀଙ୍କୁ ପରୀକ୍ଷା କରାଯିବା ପରେ ସେମାନଙ୍କ ମଧ୍ୟରୁ ୨୪୧ଜଣ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରାଯାଇ ଚିକିତ୍ସା ଆରମ୍ଭ କରାଯାଇଛି ବୋଲି ଦେବଗଡ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱମୋହନ ମିଶ୍ର କହିଛନ୍ତି ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଗି ଆବେଦନ ଆରମ୍ଭ ହୋଇଛି । ଏଥିରେ ୭ଟି ବର୍ଗରେ ପୁରସ୍କାର ପ୍ରଦାନ କରାଯିବ । ଜିଲ୍ଲା ଓ ବ୍ଲକ ସମେତ ଶିକ୍ଷଣ ପ୍ରତିଷ୍ଠାନ, ଶିକ୍ଷକ, ଅଧିକାରୀ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପୁରସ୍କାର ନିମନ୍ତେ ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ଜରିଆରେ ଆବେଦନ ଗ୍ରହଣ କରାଯିବ । **msp.odisha.gov.in** ପୋର୍ଟାଲରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ କରିପାରିବେ ।

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଲଘୁଚାପ ଜନିତ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆଜିଠାରୁ ବର୍ଷାର ପରିମାଣ ହ୍ରାସ ପାଇବ । ବର୍ଷାର ପ୍ରଭାବରେ ରାତିର ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇବାର

ସମ୍ଭାବନା ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘନ କୁହୁଡି ହେବା ନେଇ ସୁନ୍ଦରଗଡ଼, ଝାରସୁଗୁଡା, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ ଓ କୋରାପୁଟ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।